# Akashvani, Sambalpur

# SAMBALPURI NEWS BULLETIN

## 4 June 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ଶୂନ୍ୟ ଦୁର୍ଘଟଣା ଦିବସ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ରାଏଜେ ଶୂନ୍ୟ ଦୁର୍ଘଟଣା ଦିବସ୍ ଅଭିଯାନ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ସଡ଼କ୍ ସୁରକ୍ଷାକେ ନେଇକରି ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ୫ ଶହ ୭୫ କୋଟିନୁ ଅଏତ୍‌କା ଟଙ୍କାର୍ ୫୫ ଟା କାର୍ଯ୍ୟକ୍ରମ୍ ଆଉ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ମୁଖ୍ୟମନ୍ତ୍ରୀ ବଲାଙ୍ଗିର୍, ସୁବର୍ଣ୍ଣପୁର୍, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ ସ୍ୱୟଂଚାଳିତ ଗାଡ଼ି ଚାଲନା ପରୀକ୍ଷଣ୍ ବ୍ୟବସ୍ଥାର୍ ଶୁଭାରମ୍ଭ ଆଉ ୨୦ ଜାଗା ନ କେନ୍ଦ୍ର ଲାଗି ଶିଳାନ୍ୟାସ୍ କରିଛନ୍ । ଇତାର୍‌ସହେତେ ପୁରୀ, ଭୁବ୍‌ନେଶ୍ୱର୍, ଭବାନୀପାଟ୍‌ନା ଆର୍ ରାଇଘର୍‌ନୁ ଦେଶର୍ ଭିନ୍ ଭିନ୍ ଜାଗାକେ ବସ୍ ସେବାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସଡ଼କ୍ ସୁରକ୍ଷାକେ ନେଇକରି ଲୁକ୍‌କୁ ଶପଥ୍ ପାଠ୍ କରାବାର୍ ସହେତେ ସମ୍‌କୁ ଟ୍ରାଫିକ୍ ନିୟମ୍ ପାଳନ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ରାଜସ୍ୱ ଅଧିକାରୀ-କର୍ମଶାଳା ହି.ସ.

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍‌ଠାନୁ ରାଜସ୍ୱ ଅଧିକାରୀମାନ୍‌କର୍ ୨ ଦିନିଆ କର୍ମଶାଳା ମୁଲ୍ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ରାଜସ୍ୱ ବିଭାଗ୍‌ର ସମୀକ୍ଷା କରିକରି ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ବିକଶିତ୍ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ ଉପସ୍ଥାପନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ତିନ୍‌ହି ଆର୍.ଡି.ସି., ଉପଜିଲ୍ଲାପାଲ୍ ଆଉ ତହସିଲ୍‌ଦାର୍‌ମାନେ ଯୋଗ୍ ଦେବାର୍‌କେ ଥିବାର୍ ବେଲେ ଆଭାସୀ ଜରିଏ ଜିଲ୍ଲାପାଲ୍ ଆଉ ଜିଲ୍ଲାର୍ ରାଜସ୍ୱ ଅଧିକାରୀମାନେ ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ-ନିଯୁକ୍ତି ପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୬ ତାରିଖ୍ ଦିନ ଭିନ୍ ଭିନ୍ ବିଭାଗ୍‌ର ପ୍ରାର୍ଥୀମାନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଭୁବ୍‌ନେଶ୍ୱର୍ ରେଲ୍

ସଦନ୍ ପ୍ରେକ୍ଷାଳୟ ନ ହେବାର୍‌କେ ଥିବା ମେଗା ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ୧୨ ଶହ ୪୦ ଝନ୍‌କୁ ନିଯୁକ୍ତିପତ୍ର ଦେବେ ।

ସଫେଇ- ନଗର୍ ଉନ୍ନୟନ୍ ମନ୍ତ୍ରୀ ହି.ସ.

ସହରୀ ଇଲାକାମାନ୍‌କର୍ ସଫେଇ କାମ୍ ଠିକ୍ ଭାବେ ନାଇଁ ହେଲେ ଇଥି ନିଯୁକ୍ତ ଆଉଟ୍‌ସୋର୍ସିଂ ସଂସ୍ଥାମାନ୍‌କର୍ ବିରୋଧିଥି କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ୍ ଦେଇଛନ୍ । ମନ୍ତ୍ରୀ କହିଛନ୍, ସହର୍ ମାନେ ହେଉଛେ ରାଜ୍ୟର୍ ମୁଖଶାଳା । ସଫେଇ କାମ୍‌ଥି ଅବହେଲା କଲେ ନିୟୋଜିତ ଆଉଟ୍‌ସୋର୍ସିଂ ସଂସ୍ଥାମାନ୍‌କୁ କାମ୍‌ନୁ ବାହାର୍‌କରିକରି ନୂଆଁ ସଂସ୍ଥାକେ ନିଯୁକ୍ତି ଦେବାର୍‌କେ ମନ୍ତ୍ରୀ ଶ୍ରୀ ମହାପାତ୍ର ନିର୍ଦ୍ଦେଶ୍ ଦେଇଛନ୍ ।

ଶ୍ରମ ଅଧିକାରୀ-ତାଲିମ୍ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ଶ୍ରମ ଆଇନ୍ ବାବ୍‌ଦେ ହେଇଥିବା ସହକାରୀ ଶ୍ରମ ଅଧିକାରୀମାନ୍‌କର୍ ୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍‌ଯାପିତ୍ ହେଇଛେ । ରାଜ୍ୟ ଶ୍ରମ ବିଭାଗ୍ ତର୍‌ଫୁ

ହେଇଥିବା କାର୍ଯ୍ୟକ୍ରମ୍‌ଥି ଶ୍ରମ ନିର୍ଦ୍ଦେଶାଳୟ ନ ନୂଆଁକରି ନିଯୁକ୍ତି ପାଇଥିବା ୩୮ ଝନ୍ ସହକାରୀ ଅଧିକାରୀ ଯୋଗ୍ ଦେଇଥିଲେ ।

ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ର କଲାହାଣ୍ଡି/ ସୁବର୍ଣ୍ଣପୁର୍

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ନୁ ହାଇଦ୍ରାବାଦ୍ ଭିତ୍‌ରେ ଅତ୍ୟାଧୁନିକ୍ ଶ୍ରୀଜଗନ୍ନାଥ୍ ଏକ୍ସପ୍ରେସ୍ ଭଲ୍‌ବୋ ବସ୍ ସେବାର ଶୁଭାରମ୍ଭ ହେବାର୍ ସହେତେ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ରର୍ ଶିଳାନ୍ୟାସ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଭାସୀ ଜରିଏ ଇତାକେ ଉଦ୍‌ଘାଟନ୍ କରିଛନ୍ । କଲାହାଣ୍ଡି ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ସାଂସଦ୍ ମାଳବିକା ଦେବୀ, ଧର୍ମଗଡ୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀ, ଜିଲ୍ଲାପାଳ୍ ସଚିନ୍ ପାୱାର୍ ପ୍ରକାଶ୍ ଆଉ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସାହାଜ୍‌ପିଟା ଠାନେ ଜିଲ୍ଲା ସ୍ୱୟଂଚାଳିତ ଗାଡ଼ି ଚାଲନା ପରୀକ୍ଷଣ୍ କେନ୍ଦ୍ରକେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଆଂଚଳିକ୍ ପରିବହନ୍ କାର୍ଯ୍ୟାଳୟ ତର୍‌ଫୁ ହେଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀ ଆଉ ଜନପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ସେନ୍ତା ଦେବ୍‌ଗଡ଼୍ ଜିଲ୍ଲା ନ ଭିଲ୍ ସ୍ୱୟଂଚାଳିତ ଗାଡ଼ିଚାଲନା ପରୀକ୍ଷଣ୍ କେନ୍ଦ୍ରକେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ ।

ଜନଶୁଣାଣି ଶିବିର-ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ପାଖର୍ ମାନେଶ୍ୱର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଗଲାକାଏଲ୍ ଜିଲ୍ଲାପ୍ରଶାସନ୍‌ର ମିଳିତ୍ ଜନଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୧୩ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ଗୁଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇକରି ବାକି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ ଦିଗେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ତମାଖୁ ନିରୋଧୀ ସଚେତନତା ରଥକେ ଜିଲ୍ଲାପାଲ୍ ଶୁଭାରମ୍ଭ କରିଛନ୍ ।

ସମ୍ବଲ୍‌ପୁର୍ ପ୍ଲାଣ୍ଡ୍ ସିଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ସହରାଂଚଲ୍‌ର ବିକାଶ୍ କରିକରି ସମ୍ବଲ୍‌ପୁର୍‌କେ ଗୁଟେ ପ୍ଲାଣ୍ଡ୍ ସିଟି ଭାବେ ନୂଆଁ ରୂପ୍ ଦେବାର୍‌କେ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆର୍ ନୂଆଦିଲ୍ଲୀର ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍‌ଚର୍ ସଂସ୍ଥାନ୍ - ଏସ୍ ପି ଏ ଭିତ୍‌ରେ ଗୁଟେ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ପ୍ରତ୍ୟକ୍ଷ ପରାମର୍ଶଥି ହେଇଥିବା ଇ ଚୁକ୍ତି ଅନ୍‌ସାରେ ଏସ୍ ପି ଏ ଇ ଦିଗେ ଅନୁଧ୍ୟାନ୍ କରିକରି ଏସ୍.ଏମ୍.ସି.କେ ରଣନୈତିକ୍ ପରାମର୍ଶ ଦେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ପର୍ଶ୍ଚିମା ଗରମ୍ ପବନ୍ ଆସୁଥିବାର୍‌ନୁ ଦିନର୍ ତାତି ବଢ଼୍‌ବାର୍‌କେ ଲାଗିଛେ । ବାୟୁମଣ୍ଡଲ୍ ନ ଆର୍ଦ୍ରତାର୍ ଅଏତ୍‌କା ରହୁଥିବାର୍‌ନୁ ଗୁଲ୍‌ଗୁଲି ବଢ଼ିଛେ । ଆଏବା କିଛି ଦିନ୍‌ତକ୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ସବୁନୁ ଜହ ଗରମ୍ ଆର୍ ଗୁଲ୍‌ଗୁଲି ହେବା । ଇ ସମିଆଥି ଗୁଟେ ଦୁଇଟା ଜାଗାନୁ ଘଡ୍‌ଘଡ଼ି ସହେତେ ହାଲ୍‌କା ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।